# ସଂଯୁକ୍ତା ଲେୟର ଫାର୍ମ – ଏକ ସଫଳ କାହାଣୀ

**ଅଣ୍ଡାଦିଆ କୁକୁଡା** ପାଳନ କ୍ଷେତ୍ରରେ ଶ୍ରୀମତୀ ସଂଯୁକ୍ତା ପ୍ରଧାନ, ବୟସ ୪୪, ସ୍ୱାମୀ-ଶ୍ରୀ ପତିତ ଚରଣ ସାହୁ, ସା- ସୁନାଖଣି, ପୋ- ଏକଘରିଆ, ବ୍ଲକ- କଣିହାଁ, ଜିଲ୍ଲା- ଅନୁଗୁଳ ଜଣେ ସଫଳ ଉଦ୍ୟୋଗୀ । ସେ ୨୦୧୩ ମସିହାରେ ପ୍ରଥମେ ନିଜ ଗ୍ରାମରେ ୨୦୦୦୦ ଅଣ୍ଡାଦିଆ କୁକୁଡା କ୍ଷମତା ବିଶିଷ୍ଟ ଏକ ଉଦ୍ୟୋଗ ଆରମ୍ଭ କରିଥିଲେ । ଏହି ଉଦ୍ୟୋଗରେ ସେ ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ, ତାଳଚେର ଶାଖାରୁ ଋଣ ନେଇ ସର୍ବମୋଟ ୧୩୧.୨୧ ଲକ୍ଷ ଟଙ୍କା ବିନିଯୋଗ କରିଥିଲେ । ଏଥି ନିମନ୍ତେ **ଆପିକଲ** ତରଫରୁ ରାଜ୍ୟ କୃଷିନୀତିରେ ଉପଲବ୍ଧ ୩୩ ପ୍ରତିଶତ ହାରରେ ୨୫.୦୦ ଲକ୍ଷ ଟଙ୍କାର **ପୁଞ୍ଜି ଲଗାଣ ରିହାତି** ୨୦୧୬ ମସିହାରେ ପ୍ରଦାନ କରାଯାଇଅଛି ।

ତାଙ୍କ ଉଦ୍ୟୋଗରୁ **ବର୍ତ୍ତମାନ** ପ୍ରତିଦିନ ପାଖାପାଖି ୧୮୦୦୦ ଅଣ୍ଡା ଉତ୍ପାଦନ ହେଉଅଛି ଏବଂ ୧୨ ରୁ ୧୫ ଜଣ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିଯୁକ୍ତି ପାଇପାରିଛନ୍ତି । ସେ ପ୍ରତିଦିନ ପ୍ରାୟ ୯୦୦୦/- ରୁ ୧୦୦୦୦/- ଟଙ୍କା ଯାଏଁ ଏହି ଉଦ୍ୟୋଗରୁ ଲାଭ ପାଇପାରୁଛନ୍ତି । ରାଜ୍ୟ ସରକାରଙ୍କ କୃଷିନୀତି ଆନୁକୁଲ୍ୟରେ **ଅଣ୍ଡାଦିଆ କୁକୁଡା** ଉଦ୍ୟୋଗକୁ ବ୍ୟବସାୟିକ **ଭିତ୍ତିରେ** ସଫଳରୂପେ ସମ୍ପାଦନ କରି ଶ୍ରୀମତୀ ପ୍ରଧାନ ସମଗ୍ର ଅନୁଗୁଳ ଜିଲ୍ଲାରେ ଏକ ସଫଳ ମହିଳା ଉଦ୍ୟୋଗୀ ରୂପେ ଉଦାହରଣ ସୃଷ୍ଟି କରିପାରିଛନ୍ତି ।

